

### ପ୍ରେମୀ ଯୁଗଳଙ୍କ ଠାରୁ ବଟି ଆଦାୟ ଘଟଣା

# ଖଣ୍ଡଗିରି ପାହାଡ଼ରେ ନକଲି ଫାଣ୍ଡି



■ ନକଲି ଏସିପି ଓ ଆଇଆଇସି ଗିରଫ
■ ମୋବାଇଲରୁ ମିଳିଲା ଆପତ୍ତିଜନକ ଫଟୋ

ଭୁବନେଶ୍ୱର, ୨୪।୧୨ (ସମିସ): ପ୍ରେମୀ ଯୁଗଳଙ୍କୁ ଡରାଇ ଧମକାଇ ଦାଦା ବଟି ଆଦାୟ କରୁଥିବା ନକଲି ଏସିପି ଓ ଆଇଆଇସିଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କଟକ ନୂଆ ବଜାରରେ ରହୁଥିବା କେରଳ ଚିତ୍ତର୍ ଥାନା ଅଞ୍ଚଳର ଜୋସେଫ୍ ଏମ୍ଇ (୪୬) ଓ ଜାଗମରାର ଜିତେନ୍ଦ୍ର ସାମନ୍ତରାୟ (୫୦)।

ପୁଲିସ ସୂଚନାନୁସାରେ, ଖଣ୍ଡଗିରି ଓ ଉଦୟଗିରି ପାହାଡ଼କୁ ବୁଲିବାକୁ ଆସୁଥିବା ପ୍ରେମୀ ଯୁଗଳଙ୍କୁ ଦୁଇ ଜଣ ବ୍ୟକ୍ତି କିଛିଦିନ ହେବ ହଇରାଣ କରିବା ସହ ବେଆଇନ ଭାବେ ଟଙ୍କା ଆଦାୟ କରୁଥିବା ନେଇ ଖଣ୍ଡଗିରି ପୁଲିସ ଖବର ପାଇଥିଲା। ମଙ୍ଗଳବାର ଅପରାହ୍ଣରେ ଏଏସ୍ଆଇ ରାଜୀବ ନାୟକ ଓ ଅନ୍ୟ ପୁଲିସ କର୍ମଚାରୀମାନେ ପାହାଡ଼ ଉପରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ଜୋସେଫ୍ ଓ ଜିତେନ୍ଦ୍ର ଏକ ପ୍ରେମୀ ଯୁଗଳଙ୍କ ଫଟୋ ଉଠାଇ ଟଙ୍କା ମାଗୁଥିଲେ। ପ୍ରେମୀଯୁଗଳଙ୍କ ପାଟି ଶୁଣି ପୁଲିସ ଟିମ୍ ତାଙ୍କ ନିକଟରେ ପହଞ୍ଚି ଯାଇଥିଲା। ପୁଲିସକୁ ଦେଖି ଜୋସେଫ୍ ଓ ଜିତେନ୍ଦ୍ର ଖସି ଯାଉଥିବା ବେଳେ ପୁଲିସ ଟିମ୍ ଉଭୟଙ୍କୁ କାବୁ କରି ନେଇଥିଲା। ସେମାନଙ୍କୁ ଥାନାକୁ ଆଣିବା ପଚରାଉଚରା କରିବା ପରେ ପୂରା ଘଟଣା ପଦାକୁ ଆସିଥିଲା।

ଜୋସେଫର ଓ ଜିତେନ୍ଦ୍ର ଅନେକ ଦିନ ହେବ ଖଣ୍ଡଗିରି ଓ ଉଦୟଗିରି ପାହାଡ଼କୁ ଆସୁଥିବା ପ୍ରେମୀ ଯୁଗଳଙ୍କୁ ହଇରାଣ କରୁଥିବା କଥା ଜଣାପଡ଼ିଥିଲା। ଜିତେନ୍ଦ୍ର ନିଜକୁ ଆଇଆଇସି ବୋଲି ପରିଚୟ ଦେଉଥିବା ବେଳେ ଜୋସେଫ ଏସିପି ବୋଲି କହୁଥିଲା। ପ୍ରେମୀ ଯୁଗଳମାନେ ପାହାଡ଼ ଉପରେ ବସି ଗପସପ କରୁଥିବା ବେଳେ ଜିତେନ୍ଦ୍ର ହଠାତ୍ ପହଞ୍ଚି ପ୍ରଥମେ ଫଟୋ ଓ ଭିଡିଓ ଉତ୍ତୋଳନ କରି ନେଉଥିଲା। ଜୋସେଫ ପହଞ୍ଚିବା ପରେ ଜିତେନ୍ଦ୍ର ତାଙ୍କୁ ଏସିପି ବୋଲି ପରିଚୟ ଦେଉଥିଲା। ଫଟୋ ଦେଖାଇ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଥିବା ଧମକାଉଥିଲେ। ଥାନାରେ ନାଁରେ କେସ୍ କରି ଘରକୁ ଖବର ଦେଇଦେବୁ ବୋଲି ଡରାଇ ପ୍ରେମୀ ଯୁଗଳଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ। ଖାଲି ସେତିକି ନୁହେଁ, ପାହାଡ଼ ଉପରେ ଏକ ଛାମୁଣ୍ଡିଆ କରି ନକଲି ଫାଣ୍ଡି ବୋଲି ମଧ୍ୟ କହୁଥିଲେ। ଅନେକ ସମୟରେ ଜିତେନ୍ଦ୍ର ପ୍ରେମୀ ଯୁଗଳଙ୍କୁ ଧରି ନକଲି ଫାଣ୍ଡିରେ ଥିବା ନକଲି ଏସିପିଙ୍କ ପାଖକୁ ନେଇ ଟଙ୍କା ଆଦାୟ କରୁଥିଲା। ଯାଞ୍ଚ ସମୟରେ ଜୋସେଫ୍ ଓ ଜିତେନ୍ଦ୍ରର ମୋବାଇଲରୁ ପ୍ରାୟ ୫୦ ପ୍ରେମୀ ଯୁଗଳଙ୍କ ଅପତ୍ତିଜନକ ଫଟୋ ଏବଂ ଭିଡିଓ ମିଳିଥିଲା। ଏନେଇ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ବାଇକ୍ ଜବତ କରିଛି।

## ନନ୍ଦନକାନନ ପୁଣି ଚାଲିଲା ଶିଶୁ ରେଳଗାଡ଼ି



ନନ୍ଦନକାନନ, ୨୪।୧୨(ସମିସ): ନନ୍ଦନକାନନ ପର୍ଯ୍ୟଟକଙ୍କ ପାଇଁ ପୁଣି ଆଜିଠୁ ଶିଶୁ ରେଳ ଗାଡି ଚାଲିଛି। ଆଜି ୧୩ ରାଉଣ୍ଡ ଚାଲିଥିଲା ବେଳେ ୭୦୦ରୁ ଅଧିକ ହେବେ ପର୍ଯ୍ୟଟକ ଏହାର ମଜା ନେଇଥିବା ଜଣା ପଡ଼ିଛି। ତେବେ ଏହି ଶିଶୁ ରେଳ ଗାଡିଟି ଚାଲିଲା ଦିନଠୁ ବହୁ ବାର ବନ୍ଦ ହୋଇ ରହିଥିଲା। ବିଭିନ୍ନ ସମୟରେ ଅଘଟଣ, ଯନ୍ତ୍ରପାତି ଖରାପ ହେବାରୁ ଅନେକ ଥର ପର୍ଯ୍ୟଟକ ହଟହଟା ହେବା ସହ ବିପଦ ମୁହଁରେ ପଡ଼ିଥିଲେ। ଏଥରକ ଶିଶୁ ରେଳଗାଡ଼ି ଗତ ଜାନୁଆରୀ ୧୯ତାରିଖରୁ ବନ୍ଦ ହୋଇ ରହିଥିଲା। ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ବେଳେ ରେଳ ଲାଇନ ଚ୍ୟୁତ ହୋଇଥିଲା। ଏଥିରେ ଏକ ସଙ୍ଗରେ ୭୨ଜଣ ପର୍ଯ୍ୟଟକ ବୁଲି ପାରିବେ। ଚାରିଟି ବଗି ଅଛି। ୨୦ଜଣିଆ ବସିଲା ଭଳି ୩ଟି ବଗି ୧୨ଜଣିଆ ବସିଲା ଭଳି ଗୋଟିଏ ବଗି ଅଛି।

## ଜମି ଉନ୍ନତୀକରଣ ନାଁରେ ୩୬ ଲକ୍ଷର ଚୂନ; ଠକ ଗିରଫ



ଭୁବନେଶ୍ୱର, ୨୪।୧୨ (ସମିସ): ଜମି ଉନ୍ନତିକରଣ ନାଁରେ ୩୬ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଲକ୍ଷ୍ମୀସାଗର ଥାନା ଓସ୍କାର ସିଟିରେ ରହୁଥିବା ସଞ୍ଜୟ କୁମାର ମହାନ୍ତି (୪୯)।

ପୁଲିସ ସୂଚନା ମୁତାବକ, କଳାରାହାଙ୍ଗ ଅଞ୍ଚଳର ବିଜୟ ଗୋଲ୍ଡରଙ୍କର ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଏକ ଜମିର ଉନ୍ନତିକରଣ କରିବାକୁ କହି ସଞ୍ଜୟ ୩୬ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ଦୀର୍ଘଦିନ ହୋଇ ଯାଇଥିଲେ ମଧ୍ୟ ସଞ୍ଜୟ ଜମିର କୌଣସି ଉନ୍ନତିକରଣ କରିନଥିଲେ କି ଟଙ୍କା ଫେରସ୍ତ ଦେଇ ନ ଥିଲେ। ବିଜୟ ଗତମାସ ୨୦ ତାରିଖ ଦିନ ପଟିଆ କଲେଜ ନିକଟରେ ସଞ୍ଜୟଙ୍କୁ ଦେଖା କରି ଜମି ଉନ୍ନତିକରଣ ସମ୍ପର୍କରେ ପଚାରିବା ସହ ଟଙ୍କା ଫେରାଇବାକୁ କହିଥିଲେ। ସଞ୍ଜୟ ତାଙ୍କୁ ଗାଳିଗୁଲଜ କରିବା ସହ ଗଳାକାଟି ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ବିଜୟ ଇନଫୋସିଟି ଥାନାରେ ଏତଲା ଦେବାପରେ ପୁଲିସ ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

● ଏସ୍ଆଇଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ

## ୧୯ ମାସ ପରେ ଧରାପଡ଼ିଲା ଅଭିଯୁକ୍ତ

ଭୁବନେଶ୍ୱର, ୨୪।୧୨ (ସମିସ): ଚେକିଂ ବେଳେ ଏସ୍ଆଇଙ୍କ ତଣ୍ଟିଚିପି ହତ୍ୟା କରିବାକୁ ଉଦ୍ୟମ କରିଥିବା ଅଭିଯୁକ୍ତକୁ ୧୯ ମାସ ପରେ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୬ ପିତୁ ପଡ଼ିଆ ବସ୍ତିର ବିଜୟ କୁମାର ବେହେରା (୨୬)।



ପୁଲିସ ସୂଚନାନୁଯାୟୀ, ଗତବର୍ଷ ମେ' ମାସ ୨୪ ତାରିଖ ରାତିରେ କ୍ୟାପିଟାଲ ଥାନାର ଥାନାଧିକାରୀ, ତତ୍କାଳୀନ ଏସ୍ଆଇ ମାନସ କୁମାର ସାହୁ ଓ ଅନ୍ୟ ପୁଲିସ କର୍ମଚାରୀମାନେ ପିତୁ ପଡ଼ିଆ ବସ୍ତି ନିକଟରେ ପାଟ୍ରୋଲିଂ ଓ ନାକା ଡ୍ୟୁଟି କରୁଥିଲେ। ଅଭିଯୁକ୍ତ ବିଜୟ ରାତି ପ୍ରାୟ ୧୨ଟା ୧୦ ସମୟରେ ଆସି ଏସ୍ଆଇ ମାନସଙ୍କ ସହ ଉଚ୍ଚ ସ୍ୱରରେ ଯୁକ୍ତିତର୍କ କରି ଅସଭ୍ୟ ମନ୍ତବ୍ୟ ଦେଇଥିଲା। ସାଧାରଣ ନିର୍ବାଚନ ଲାଗି ଚେକିଂ ଚାଲିଥିବା ବୁଝାଇଥିଲେ ମଧ୍ୟ ସେ ଶାନ୍ତ ନହୋଇ ପୁଲିସ କର୍ମଚାରୀଙ୍କୁ ଠେଲାପେଲା କରିଥିଲା। ପରବର୍ତ୍ତୀ ସମୟରେ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ହଠାତ୍ ଏସ୍ଆଇ ମାନସଙ୍କ ତଣ୍ଟିଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ଏଥିସହିତ ପୁଲିସ ୟୁନିଫର୍ମ ଚିରି ଦେଇଥିଲା। ଉପସ୍ଥିତ ଅନ୍ୟ ଅଧିକାରୀମାନେ ଘଟଣାରେ ହସ୍ତକ୍ଷେପ କରିବା ପରେ ବିଜୟ ସେମାନଙ୍କୁ ଗାଳିଗୁଲଜ କରିବା ସହ ପୁଲିସ ଗାଡ଼ିକୁ କ୍ଷତି ପହଞ୍ଚାଇଥିଲା। ପରବର୍ତ୍ତୀ ସମୟରେ ପୁଲିସକୁ ଧମକଚମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଏନେଇ କ୍ୟାପିଟାଲ ଥାନା ପୁଲିସ ନିଜଆଡ଼ୁ ମାମଲା ରୁଜୁ କରିଥିଲା। ସେବେଠାରୁ ଫେରାର ଥିବା ବିଜୟଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି।

## ନକଲି କୃଷି କର୍ମଚାରୀକୁ ବର୍ଷେ ସଜା

ଭୁବନେଶ୍ୱର, ୨୪।୧୨ (ସମିସ): ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଏକ ଠକେଇ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାରକରି ନକଲି କୃଷି କର୍ମଚାରୀ ବିଷ୍ଣୁ କୁମାର ଚୌଧୁରୀକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ବରମୁଣ୍ଡା ସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଓଡ଼ିଶା ରାଜ୍ୟ କୃଷି ମାର୍କେଟିଂ ବୋର୍ଡ ବିଭାଗର ଆକାଉଣ୍ଟ ରହିଛି। ଗତବର୍ଷ ନଭେମ୍ବର ମାସରେ ସାରା ଦେଶରେ ଥିବା ବିଭିନ୍ନ ଶାଖାରୁ ତିନୋଟି କ୍ଲୋନ୍ ଚେକ୍ ମାଧ୍ୟମରେ ଠକେଇ କରି ଟଙ୍କା ଉଠାଣ କରାଯାଇଥିବା ବେଳେ ଏହି ସମ୍ପୃକ୍ତ ବ୍ୟାଙ୍କ ତରଫରୁ ରିଜର୍ଭ ବ୍ୟାଙ୍କରେ ଅଭିଯୋଗ କରାଯାଇଥିଲା। ଅଭିଯୁକ୍ତ ବିଷ୍ଣୁ ସେହି ଦିନ ଓଡ଼ିଶା ରାଜ୍ୟ କୃଷି ମାର୍କେଟିଂ ବୋର୍ଡ" ଆକାଉଣ୍ଟର ପଞ୍ଜିକୃତ ମୋବାଇଲ୍ ନମ୍ବର ପରିବର୍ତ୍ତନ ପାଇଁ ବ୍ୟାଙ୍କକୁ ଆସିଥିଲା। ସେ ନିଜକୁ ଓଡ଼ିଶା ରାଜ୍ୟ କୃଷି ମାର୍କେଟିଂ ବୋର୍ଡର କର୍ମଚାରୀ ଭାବେ ପରିଚୟ ଦେଇ ବ୍ୟାଙ୍କର ମୋବାଇଲ୍ ନମ୍ବର ପରିବର୍ତ୍ତନ ଫର୍ମ, ଅନୁରୋଧ ପତ୍ର ଓ ଜାଲ୍ ପ୍ରାଧିକରଣ ପତ୍ର ସହିତ ନକଲି କାଗଜପତ୍ର ପ୍ରଦାନ କରିଥିଲା। ଏମିତିକି ସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କ ଦସ୍ତଖତ ଥିବା ଏକ ପ୍ରାଧିକରଣ ପତ୍ର ମଧ୍ୟ ଦେଖାଇଥିଲା। କିନ୍ତୁ ବ୍ୟାଙ୍କ କର୍ମଚାରୀମାନେ ଉକ୍ତ ଆକାଉଣ୍ଟରେ ପୂର୍ବରୁ ଘଟିଥିବା ଠକେଇ ବିଷୟରେ ଜାଣିଥିବାରୁ ସନ୍ଦେହରେ ବିଷ୍ଣୁକୁ ସଠିକ ପରିଚୟ ସମ୍ପର୍କରେ ପଚରାଉଚରା କରିଥିଲେ। ବିଷ୍ଣୁ ଅଡୁଆ ପ୍ରଶ୍ନରେ ଛନ୍ଦି ହୋଇ ସେଠାରୁ ଦୌଡି ପଳାଇବାକୁ ଉଦ୍ୟମ କରିବା ବେଳେ ବ୍ୟାଙ୍କ କର୍ମଚାରୀମାନେ ତାକୁ କାବୁ କରି ନେଇଥିଲେ। ବ୍ୟାଙ୍କର ଶାଖା ପରିଚାଳକ ପଦାରବିନ୍ଦ ତ୍ରିପାଠୀ ଏନେଇ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ କେସ୍ ନଂ - ୮୨୪/୨୪ରେ ଦଫା ୩୧୯ (୨)/୩୩୬(୩)/୩୩୬(୨) ବିଏନ୍ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ସବ୍ ଇନ୍ସପେକ୍ଟର ମୌସୁମୀ ସାହୁ ଘଟଣାର ତଦନ୍ତ କରି ବିଷ୍ଣୁକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।



ଅଦାଲତ ଘଟଣା ସହିତ ସମ୍ପୃକ୍ତ ବିଭିନ୍ନ ସାକ୍ଷ୍ୟ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ବିଷ୍ଣୁକୁ ବିଏନ୍ଏସ୍ ଧାରା - ୩୧୯(୨)/୩୩୬(୩)/୩୩୬(୨)/ ୩୪୦(୨) ଆଧାରରେ ୧ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୪ ମାସର ସଶ୍ରମ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

## ଉପକଣ୍ଠରୁ ଅସୁସ୍ଥ ବିଲୁଆ ଉଦ୍ଧାର



ନନ୍ଦନକାନନ, ୨୪।୧୨(ସମିସ): ଉତ୍ତର ଭୁବନେଶ୍ୱର ବରିମୁଣ୍ଡ ଗ୍ରାମ ମନୋଜ ଲେଙ୍କାଙ୍କ ବାଡ଼ିରୁ ସିଟି ଫରେଷ୍ଟ ଡିଭିଜନ ମଞ୍ଚେଶ୍ୱର ବନଖଣ୍ଡ ବୁଧବାର ସନ୍ଧ୍ୟାରେ ଏକ ଅସୁସ୍ଥ ବିଲୁଆକୁ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ଉକ୍ତ ବିଲୁଆ ଟିକୁ ଚିକିତ୍ସା ନିମନ୍ତେ ପଠାଯିବ ବୋଲି ଆସି ଥିବା ଉଦ୍ଧାରକାରୀ ଦଳ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ଆଜି କେଉଁଆଡୁ ଆସି ଏହି ବିଲୁଆଟି ମନୋଜଙ୍କ ବାଡ଼ିରେ ଛାଟିପିଟି ହେବା ସହ ଅସୁସ୍ଥ ହୋଇ ପଡ଼ି ରହିଥିଲା। ଏହା ଦେଖି ମନୋଜ ବିଲୁଆକୁ ଉଦ୍ଧାର କରିବାକୁ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସିଟି ଫରେଷ୍ଟ ମଞ୍ଚେଶ୍ୱର ବନଖଣ୍ଡରୁ ଏକ ଉଦ୍ଧାରକାରୀ ଦଳ ଆସି ବିଲୁଆକୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ।

## ବ୍ୟାଙ୍କ ଅଫ୍ ବରୋଦା ଅବସରପ୍ରାପ୍ତ ଅଫିସର୍ସ ଆସୋସିଏସନ୍‌ର ବୈଠକ



ଭୁବନେଶ୍ୱର, ୨୪।୧୨(ସମିସ): ବ୍ୟାଙ୍କ ଅଫ୍ ବରୋଦା ଅବସରପ୍ରାପ୍ତ ଅଫିସର୍ସ ଆସୋସିଏସନ୍‌ର ସାଧାରଣ ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାର ଅବସରପ୍ରାପ୍ତ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ। ଆଞ୍ଚଳିକ ଉପ-ସଭାପତି କୁଳମଣୀ ବେହେରା ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିବା ସହ ଆସୋସିଏସନ୍‌ର କାର୍ଯ୍ୟକଳାପ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ସର୍ବଭାରତୀୟ ଉପ-ସଭାପତି ଉମେଶ ଚନ୍ଦ୍ର ପାଟ ଏବଂ ଆଞ୍ଚଳିକ କମିଟି ସଦସ୍ୟ ଫକୀର ଚନ୍ଦ୍ର ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ନିହାର ପ୍ରଧାନ ପ୍ରାରମ୍ଭିକ ପରିଚୟ ପ୍ରଦାନ କରିଥିଲେ।

## ମଞ୍ଚେଶ୍ୱର ଷ୍ଟେସନରେ ସିପିଆଇର ବିକ୍ଷୋଭ

ଭୁବନେଶ୍ୱର, ୨୪।୧୨(ସମିସ): ଭାରତ ସରକାର ଉଭୟ ପାସେଞ୍ଜର ଓ ଦ୍ରୁତଗାମୀ ରେଳଭଡ଼ା ବୃଦ୍ଧି ସହ ଆସନ୍ତା ଶୁକ୍ରବାରଠାରୁ କାର୍ଯ୍ୟକାରୀ କରିବା ନିଷ୍ପତ୍ତି ବିରୋଧରେ ବୁଧବାର ମଞ୍ଚେଶ୍ୱର ରେଳ ଷ୍ଟେସନରେ ଭାରତୀୟ କମ୍ୟୁନିଷ୍ଟପାର୍ଟି ଗାଡ଼କଣ ଶାଖା ପକ୍ଷରୁ ବିକ୍ଷୋଭପ୍ରଦର୍ଶନ କରାଯାଇଛି। କ୍ଷମତାରେ ବସିବା ପରେ ବିଜେପି ସରକାର ରେଳବାଇରେ ପ୍ରବେଶ କରିଥିବା ଘରୋଇ କମ୍ପାନୀଙ୍କ ଲାଭ ସୁନିଶ୍ଚିତ କରିବା ପାଇଁ ଆବାଳ ବୃଦ୍ଧ ବନିତାଙ୍କ ଯାତ୍ରୀଭଡ଼ା ବୃଦ୍ଧି ବିରୋଧରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସିପିଆଇର ଗାଡ଼କଣ ଶାଖା ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା ରେଳଭଡ଼ା ବୃଦ୍ଧିକୁ ବିରୋଧ କରିଥିଲେ। ଏହି ବିକ୍ଷୋଭରେ ସିପିଆଇର ଅଞ୍ଚଳ ସହସମ୍ପାଦକ ବିଶ୍ୱଜିତ ନାୟକ, ସିପିଆଇର ଗାଡ଼କଣ ଶାଖା ସମ୍ପାଦକ ଶଙ୍କର ବାରିକ ସାମିଲ ହୋଇଥିଲେ। ଆନ୍ଦୋଳନରେ ଏଆଇଟିୟୁସି ନେତା ଶଙ୍କର ବେହେରା, କେ. ଧର୍ମ ରାଓ, ରଘୁନାଥ ନାୟକ, ବସନ୍ତ ସାହୁ, କୃଷ୍ଣ ନାୟକ, ମାନୁ ଦେହୁରୀଙ୍କ ସମେତ ଅନେକ ପୁରୁଷ ଓ ମହିଳା ରେଳ ଯାତ୍ରୀ ଅଂଶ ଗ୍ରହଣ କରିଥିଲେ।




## ଗ୍ରୀଟିଙ୍ଗ୍ କାର୍ଡ କରୁଛନ୍ତି ବସ୍ତିର ପିଲା

ସରକାରୀ ଅଧିକାରୀଙ୍କୁ ଜଣାଇବେ ନୂଆବର୍ଷ ଶୁଭେଚ୍ଛା

ଭୁବନେଶ୍ୱର, ୨୪।୧୨(ସମିସ): ଅତୀତର ପୁରୁଣା ସ୍ମୃତିକୁ ସାଉଁଟିବାକୁ ପ୍ରୟାସ କରିଛନ୍ତି ରାଜଧାନୀର ବିଭିନ୍ନ ବସ୍ତିର ପିଲାମାନେ। ସାଧା କାଗଜରେ ରଙ୍ଗଦେଇ ସେଥିରେ ନୂଆବର୍ଷର ଶୁଭେଚ୍ଛା ବର୍ତ୍ତା ଲେଖି ତିଆରି କରୁଛନ୍ତି ଗ୍ରୀଟିଙ୍ଗ୍ କାର୍ଡ। ରାଜଧାନୀର ୟୁନିଟ-୨ ପଟେଲ୍ ବସ୍ତି, ବୁଦ୍ଧନଗର ବସ୍ତି, ଡମଣା ମଣ୍ଡପ ବସ୍ତି, ନୀଳପଡ଼ିଆ ବସ୍ତିର ପ୍ରାୟ ୫୦ରୁ ଅଧିକ ପିଲା ତିଆରି କରିଛନ୍ତି ଗ୍ରୀଟିଙ୍ଗ କାର୍ଡ। କାଗଜକୁ କାଟି ସେଥିରେ ରଙ୍ଗ ଦେବା ସହ କାଗଜରୁ ବିଭିନ୍ନ ଆକୃତିର ଫୁଲ ତିଆରି କରି ଲଗାଇଛନ୍ତି। କାର୍ଡକୁ ଅଧିକ ଆକର୍ଷଣୀୟ କରିବାକୁ ସେଥିରେ ଭଳିକିଭଳି ଷ୍ଟୋନ୍ ଲଗାଇବା ସହ ନବବର୍ଷର ଶୁଭେଚ୍ଛା ବାର୍ତ୍ତା ଲେଖିଥିବା ଦେଖିବାକୁ ମିଳିଛି। ଯଦିଓ ଏହି ଗ୍ରୀଟିଙ୍ଗ୍ କାର୍ଡ ଗୁଡ଼ିକ ସେମାନେ ବିକ୍ରି କରିବା ଉଦ୍ଦେଶ୍ୟରେ ତିଆରି କରୁ ନାହାନ୍ତି କିନ୍ତୁ ଅତୀରର ଗ୍ରୀଟିଙ୍ଗ୍ କାର୍ଡର ପୁରୁଣା ସ୍ମୃତିକୁ ଉଜ୍ଜିବୀତ କରିବା ସହ ଏହି ପରମ୍ପରାକୁ ପୁଣି ଥରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନ ଆଶାୟେଁ ପକ୍ଷରୁ ଏହି ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପାଠପଢ଼ା ସାଙ୍ଗକୁ କ୍ରାଫ୍ଟ ଡିଜାଇନ୍ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କ୍ଲେ ବୋତଲ ଡିଜାଇନ୍, ମାଟି ଦୀପ ପ୍ରସ୍ତୁତି ସାଙ୍ଗକୁ ଟି- ସାର୍ଟ ପେଣ୍ଟିଂ ସାଙ୍ଗକୁ ପୁରୁଣା କାଚ ବୋତଲ ହେଉ ଅବା ପୁରୁଣା ପେପର୍‌ରେ ଭଳିକି ଭଳି ସାମଗ୍ରୀ, ରଙ୍ଗୀନ୍ ପେପର୍‌ରେ ବିଭିନ୍ନ ଡିଜାଇନ୍‌ର ଫଟୋ ଫ୍ରେମ୍ ପ୍ରସ୍ତୁତ କରୁଛନ୍ତି। ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଗ୍ରୀଟିଙ୍ଗ୍ କାର୍ଡ ବେଶ୍ ଆଖି ଦୃଶିଆ ହୋଇଥିବା ବେଳେ ନୂଆବର୍ଷ ଉପଲକ୍ଷେ ଡାକ୍ତର, ପୁଲିସ ଅଧିକାରୀଙ୍କ ସମେତ ସମସ୍ତ ସରକାରୀ ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଆଶାଏଁ ପକ୍ଷରୁ ରତ୍ନାକର ସାହୁ କହିଛନ୍ତି। ଏଥିପାଇଁ ଆଶ୍ୟକୀୟ ସାମଗ୍ରୀ ମଧ୍ୟ ପିଲାମାନଙ୍କୁ ଯୋଗାଇ ଦିଆଯାଉଛି।



# କଅଁଳ ବୟସରେ ବଢୁଛି ଅପରାଧ ମାନସିକତା

■ ବର୍ଷକରେ ବଢ଼ିଛି ୨୯.୫ ପ୍ରତିଶତ ବାଳ ଅପରାଧ
■ ହତ୍ୟା ଠାରୁ ବନ୍ଧୁକ ଓ ନିଶା କାରବାର ଯାଏଁ ରହିଛି ସମ୍ପୃକ୍ତି

ଭୁବନେଶ୍ୱର, ୨୪।୧୨ (ସମିସ): ବାଳ ଅପରାଧୀ ସଂଖ୍ୟାରେ କିପରି ରୋକ୍ ଲଗାଇ ହେବ, ସେନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାଳମାଳ ଯୋଜନା କରିଛନ୍ତି। ହେଲେ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ନ ହେବାରୁ ଅପରାଧ ମୁହାଁ ହେଉଛନ୍ତି କୋମଳମତି ଶିଶୁ। ହତ୍ୟା, ଦୁଷ୍କର୍ମ, ଗଣଦୁଷ୍କର୍ମ, ଚୋରି, ଡକାୟତି, ଲୁଟ୍, ଛିନତାଇ, ନିଶା ଓ ବନ୍ଧୁକ କାରବାର ଆଦି ଅପରାଧିକ କାର୍ଯ୍ୟକଳାପ କରିବାକୁ ପଛାଉ ନାହାନ୍ତି। ପାରିବାରିକ ସଚେତନତା, ଦାୟିତ୍ୱହୀନତା ଓ ଇଣ୍ଟରନେଟର ଦୁରୁପଯୋଗ ଆଦି କାରଣରୁ ଅପରାଧ ମୁହାଁ ହେଉଛନ୍ତି ନାବାଳକ। ହସି, ଖେଳକୁଦ କରି ନିଜର ଭବିଷ୍ୟତ ଗଢ଼ିବା ବଦଳରେ ଆଇନର ଜାଲରେ ଛନ୍ଦି ହେଉଛନ୍ତି କିଶୋର ଓ କିଶୋରୀ। ସମାଜରେ ବାଳ ଅପରାଧ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି ଅର୍ଥାତ୍ ଅପରାଧ ଦୁନିଆରେ ୧୮ ରୁ କମ୍ ବୟସର ଯୁବପିଢ଼ିଙ୍କ ଯୋଗଦାନ। ବାଳ ଅପରାଧୀଙ୍କ ବୃଦ୍ଧି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ ସମସ୍ତଙ୍କ ପାଇଁ ସତର୍କ ଘଣ୍ଟି ଭଳି ପରିସ୍ଥିତି ସୃଷ୍ଟି କରିଛି।

ଚଳିତବର୍ଷ ସେପ୍ଟେମ୍ବର ମାସରେ ନୟାଗଡ଼ ଜିଲ୍ଲା ରାଜସୁନାଖଳା ଅଞ୍ଚଳର ଏକ ମଦ୍ରାସାରେ ୧୨ ବର୍ଷୀୟ ଛାତ୍ରଙ୍କୁ ୫ ଜଣ ସହପାଠୀ ବା ନାବାଳକ ମିଶି ହତ୍ୟା କରିଥିଲେ। ବିହାରର ଜଣେ ନାବାଳକ ଓ ତାଙ୍କ ମାମୁ ୬ଟି ବନ୍ଧୁକ ନେଇ ଓଡ଼ିଶା ଆସିଥିଲେ। ବାଙ୍କୁଆଳ ବାଲିଯାତ୍ରା ପଡ଼ିଆରେ ଗ୍ରାହକକୁ ଅପେକ୍ଷା କରିଥିବା ବେଳେ ଏସ୍‌ଟିଏଫ୍ ଦୁହିଁଙ୍କୁ ଗିରଫ କରିଥିଲା। ଗତ ସପ୍ତାହରେ ଦୁଇ ନାବାଳକ ଓ ତାଙ୍କ ଦୁଇ ସହଯୋଗୀ କନ୍ଧମାଳରୁ ଗଞ୍ଜେଇ ଆଣି ରାଜଧାନୀରେ ବିକ୍ରି କରିବାକୁ ଯୋଜନା କରିଥିଲେ। ଭୁବନେଶ୍ୱର ଅବକାରୀ ବିଭାଗ ବାଳକାଟି - ହୀରାପୁର ରାସ୍ତାରୁ ଦୁଇ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରିବା ସହ ୫୦ କିଲୋ ଗଞ୍ଜେଇ ଜବତ କରିଥିଲା। ସେପଟେ ମାଉସୀ ମା' ଛକରେ ଜଣେ ନାବାଳକ ଓ ତାଙ୍କ ଦୁଇ ସହଯୋଗୀ ମାଛ ବେପାରୀଙ୍କ ବେକରେ କଟୁରି ଲଗାଇ ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। କିଛିଦିନ ପୂର୍ବରୁ ୫୦ ଲକ୍ଷର ବ୍ରାଉନସୁଗର ସହ ନାବାଳକ ଗିରଫ ହୋଇଥିଲା।

ପୂର୍ବରୁ ବାଳ ଅପରାଧୀଙ୍କ ସଂଖ୍ୟା ହାତଗଣତି ରହିଥିବାବେଳେ ଏବେ ଏହି ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ କହୁଛି, ୨୦୨୨ ମସିହା ତୁଳନାରେ ୨୦୨୩ରେ ରାଜ୍ୟରେ ନାବାଳକମାନଙ୍କ ଦ୍ୱାରା କରାଯାଇଥିବା ଅପରାଧ ୨୯.୫ ପ୍ରତିଶତ ବୃଦ୍ଧି ପାଇଛି। ସେହି ସମୟସୀମା ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କ ବିରୁଦ୍ଧରେ ଅପରାଧ ୪% ବଢ଼ିଛି। ସେହିପରି ୨୦୨୩ ମସିହାରେ ରିପୋର୍ଟ ହୋଇଥିବା ମୋଟ ୮ ହଜାର ୫୭୭ ଶିଶୁ ବିରୋଧୀ ଅପରାଧ ମଧ୍ୟରୁ ୫ ହଜାର ୯୭୯ଟି ଅପହରଣ ମାମଲା। ସେହିବର୍ଷ ନାବାଳକ ମାନଙ୍କ ଦ୍ୱାରା କରାଯାଇଥିବା ୧୫୦୭ ଅପରାଧରୁ ୭୫୦ଟି ଚୋରି ବା ସମ୍ପତ୍ତି ଜନିତ ଅପରାଧ ବୋଲି ଏନସିଆରବିର ରିପୋର୍ଟରେ ଦର୍ଶାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା, ବିଭିନ୍ନ ଅପରାଧୀକ ମାମଲାରେ ପୁଲିସ ଅଟକ ରଖିଥିବା ୧୫୦୭ ଜଣଙ୍କ ମଧ୍ୟରୁ ପ୍ରାୟ ୧୪୦୦ ଜଣ ୫ ରୁ ୧୦ ବର୍ଷ ବୟସ ବର୍ଗର।



ଏନେଇ ଶିଶୁ ଅଧିକାର କର୍ମୀ ଡ. ବେଣୁଧର ସେନାପତି କହିଛନ୍ତି, ଜେଲରେ ଥିବା ବାଳ ଅପରାଧୀମାନେ ଜାମିନ୍, ନିର୍ଦ୍ଦୋଷରେ ଖଲାସ କିମ୍ବା ସଜା କାଟି ସାରିବା ପରେ ସିଧାସଳଖ ଘରକୁ ଫେରିବା ପରେ ପୁଣିଥରେ ଅପରାଧ ଦୁନିଆରେ ପାଦ ଦେଉଛନ୍ତି। ସେମାନେ କିଶୋର ନ୍ୟାୟ ଆଇନ ଅନୁସାରେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ ହେବା ସଙ୍ଗେ ସଙ୍ଗେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ହୋଇଥିବାରୁ କିଶୋର ନ୍ୟାୟଆଇନ ରେ ଥିବା ପ୍ରାବଧାନ ଅନୁସାରେ ଶିଶୁ ମଙ୍ଗଳ ସମିତିଙ୍କ ଜରିଆରେ ଥଇଥାନ କରିବା ଆବଶ୍ୟକ। ଫଳରେ ସେମାନଙ୍କୁ ସେଲଟର୍ କେୟାର, କାଉନସେଲିଂ, ଅଭିଭାବକ କାଉନସେଲିଂ ଶିକ୍ଷା, ସ୍ୱାସ୍ଥ୍ୟ, ପୁନର୍ବାସ ସୁବିଧା ମିଳିପାରିବ। ଆବଶ୍ୟକ ସ୍ଥଳେ ଶିଶୁ ମଙ୍ଗଳ ସମିତି ସେମାନଙ୍କ ପରିବାରକୁ ବିଭିନ୍ନ ଗରିବୀ କଲ୍ୟାଣ ଯୋଜନା ରେ ସାମିଲ କରିବା ସହିତ ପିଲାମାନଙ୍କୁ ଶିକ୍ଷା ପାଇଁ ଆର୍ଥିକ ସହାୟତା, ତାଲିମ, ଜୀବନ କଳା ଶିକ୍ଷା ଇତ୍ୟାଦି ପ୍ରଦାନ କରି ବ୍ୟବସ୍ଥିତ ଢଙ୍ଗରେ ଥଇଥାନ କରିପାରିବେ। ଏହା ଦ୍ୱାରା ବାଳ ଅପରାଧୀମାନଙ୍କ ମଧ୍ୟରେ ପରିବର୍ତ୍ତନ ଆଣିବା ସହ ସରକାରୀ ଯୋଜନା ମାଧ୍ୟମରେ ସେମାନଙ୍କର ସୁନେଲି ଭବିଷ୍ୟତ ଗଢ଼ି ହେବ। ଏଥିସହିତ ସୁଧାର ଗୃହରେ ରହିବା ସମୟରେ ଖେଳକୁଦ ସହିତ ବିଭିନ୍ନ ପ୍ରଶିକ୍ଷଣ ଦ୍ୱାରା ବୌଦ୍ଧିକ ବିକାଶ ପାଇଁ ବ୍ୟବସ୍ଥା କରାଯାଇପାରିବ। ଏହା ହେଲେ ସହ ବାଳ ଅପରାଧୀ ମାନଙ୍କ ମନରେ ପରିବର୍ତ୍ତନ ଆସିବା ସହ ସେମାନେ ପୁଣି ଥରେ ଅପରାଧ ଦୁନିଆରେ ପାଦ ଦେବାକୁ ରୋକାଯାଇ ପାରିବ ବୋଲି ଶ୍ରୀ ସେନାପତି କହିଛନ୍ତି।

